# ପକ୍ଷପାତିତାର ଅନୁପସ୍ଥିତି : ଏକ ଜନମଙ୍ଗଳ ରାଷ୍ଟ୍ର ଉଦ୍ଦେଶ୍ୟରେ

**ଶ୍ରୀଜିତ୍ ମିଶ୍ର**

**ଜୁଲାଇ ୨୦୧୭**

*ପ୍ରକ୍ରିୟା, ସୁଯୋଗ ଏବଂ ପରିଣାମରେ ନିରପେକ୍ଷତା ବଜାୟ ରଖିବା ଏକ ଜନମଙ୍ଗଳ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଯେହେତୁ, ପ୍ରକ୍ରିୟାଗତ ନିରପେକ୍ଷତା ନିୟମାବଳୀ ଉପରେ ନିର୍ଭରଶୀଳ, ତେଣୁ ନିୟମାବଳୀଗୁଡ଼ିକ ନିରପେକ୍ଷ ଭାବରେ ନିର୍ଦ୍ଧାରଣ ହେବା ଆବଶ୍ୟକ । ସମାନତାର ଅର୍ଥ ହେଉଛି ଏକ ସମାନ କ୍ଷେତ୍ର ପ୍ରସ୍ତୁତ କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା କିନ୍ତୁ, ତାହାର ମାନେ ନୁହେଁ ଯେ ପ୍ରତି ବ୍ୟକ୍ତିଙ୍କୁ ପ୍ରତ୍ୟେକ ସ୍ତରରେ ସାମିଲ କରାଯିବ । ନିରପେକ୍ଷ ପରିଣାମ ପୂର୍ବାପର ପ୍ରସଙ୍ଗକୁ ନେଇ ହୋଇଥାଏ । ଯେତେବେଳେ ଆମେ ଅଧିକାର ଗୁଡ଼ିକୁ ସୁନିଶ୍ଚିତ କରିବା ବା କୌଣସି ପଦପାଇଁ ଯୋଗ୍ୟତା ଆଧାରରେ ଲୋକଙ୍କୁ ମନୋନୀତ କରିବା ସେତେବେଳେ ପରିଣାମ ନିରପେକ୍ଷ ହେବା ଉଚିତ୍ । ଏହା ଭେଦଭାବହୀନ ଆଧାର ଉପରେ ପ୍ରତିଷ୍ଠିତ ହେବା ଉଚିତ୍ । ଏହାଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ଅସୁବିଧା ସବୁଠାରୁ କମ୍ ହେବ ।*

**ଉପକ୍ରମ**

ସାଧୁତା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଏହା ଆମ ପାଇଁ ଅନେକ ଭଲ କାମ କରିବ ଯଦି ଆମ୍ଭେ ପ୍ରକ୍ରିୟା, ସୁଯୋଗ ଏବଂ ପରିଣାମ କ୍ଷେତ୍ରରେ ନିରପେକ୍ଷତା ପ୍ରାପ୍ତ କରିପାରିବା । ଏହି ତିନୋଟି କ୍ଷେତ୍ରକୁ ପ୍ରାପ୍ତ କରିବା ହେଉଛି ଏକ କଠିନ କାର୍ଯ୍ୟ । କିନ୍ତୁ, ଏହାକୁ ପ୍ରାପ୍ତ କରିବା ଏକ ଜନମଙ୍ଗଳ ରାଷ୍ଟ୍ରର ଲକ୍ଷ୍ୟ ହେବା ଉଚିତ୍ ।

**ଅନ୍ୟାୟର ଅନୁପସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା**

**ପ୍ରକ୍ରିୟାଗତନିରପେକ୍ଷତା**

ଏକ ପ୍ରକ୍ରିୟାତ୍ମକ ସ୍ତରରେ, ନିରପେକ୍ଷତା ପ୍ରାପ୍ତ କରାଯାଇପାରିବ, ଯଦି ନିୟମକୁ ସଠିକ୍ ଭାବରେ ପାଳନକରାଯିବ ଏବଂ ସେହି ନିୟମଗୁଡ଼ିକ ସ୍ୱୟଂ ନିରପେକ୍ଷ ହୋଇଥିବ ଓ ବ୍ୟକ୍ତିଗତ ଖିଆଲ ଓ ପସନ୍ଦ ବିନା ଏକ ନିରପେକ୍ଷ ଢ଼ାଞ୍ଚାରେ ପୂର୍ବରୁ ନିର୍ଣ୍ଣୟ ହୋଇଥିବ ।ଅଧିକନ୍ତୁ, ନିୟମଗୁଡ଼ିକ ଆଇନରୁ ପ୍ରାପ୍ତ ସିଦ୍ଧାନ୍ତ ଉପରେ ଆଧାରିତ ହେବା ଉଚିତ୍(ବୈଧାନିକ ଉକ୍ତି) କିମ୍ବା ନୀତିସମ୍ମତ ଓ ନୈତିକ ଅବସ୍ଥାନ, ଯାହାକି ନିଜସ୍ୱ ଭିତ୍ତିରେ ପ୍ରସଙ୍ଗ ଓ ପରିସ୍ଥିତି ଉପରେ ନିର୍ଭର କରେ ।ନିୟମ ନିର୍ଦ୍ଧାରଣ କାର୍ଯ୍ୟ ନିର୍ବାହୀର କାର୍ଯ୍ୟ ପରିସର ମଧ୍ୟରେ ଆସୁଛି ।

**ପ୍ରକ୍ରିୟାତ୍ମକ ନିରପେକ୍ଷତା ନିୟମ ପ୍ରତି ଦୃଢ଼ ଅନୁରାଗ ଆବଶ୍ୟକ କରେ**

ଏକ ପ୍ରକ୍ରିୟାଗତ ତ୍ରୁଟି କିମ୍ବା ନିୟମାବଳୀ ପ୍ରସ୍ତୁତିରେ ତ୍ରୁଟିକୁ ଏକ ଅଦାଲତରେ ବିଚାର କରାଯାଇପାରିବ ।ସଂଯୁକ୍ତ ପ୍ରବେଶ ପରୀକ୍ଷା (ଆଡ଼ଭାନସ୍ଡ୍) ୨୦୧୭ର ଭୁଲ୍ ପ୍ରଶ୍ନ ପାଇଁ ବୋନସ୍ ମାର୍କ ଦେବାର ଦୃଷ୍ଟାନ୍ତକୁ ଉଦାହରଣ ରୂପେ ନିଆଯାଇପାରେ ।

**ସୁଯୋଗର ସମାନତା**

ସୁଯୋଗର ନିରପେକ୍ଷତା ହେଉଛି ସେହିମାନଙ୍କୁ ଏକ ସମାନ କ୍ଷେତ୍ର ପ୍ରଦାନ କରିବା ଯେଉଁମାନେ କର୍ତ୍ତବ୍ୟ ପାଳନ କରିବା ପାଇଁ ସକ୍ଷମ । ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହେବା ଉଚିତ୍ । ଯଦି ପିଲାମାନଙ୍କୁ ଶିକ୍ଷା ଦିଆଯିବା ପ୍ରସଙ୍ଗ ହୁଏ ତେବେ ବିଦ୍ୟାଳୟ ପ୍ରଣାଳୀ ଏପରି ହେବା ଦରକାର ଯେ ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ସ୍ୱଭାବିକ ଗୁଣକୁ ବିକଶିତ କରିବା ପାଇଁ ସୁଯୋଗ ମିଳିପାରୁଥିବ । ଏହି ପ୍ରକ୍ରିୟାରେ, ଏହା ସମ୍ଭବ ଯେ ଜଣେ ଛାତ୍ର ଏକ ଗଣିତଜ୍ଞ ଓ ଅନ୍ୟ ଜଣେ ଏକ ସଙ୍ଗୀତକାର ହୋଇପାରିବ । ଯଦିଓ ଗୋଟିଏ ବିଦ୍ୟାଳୟରୁ ସେମାନେ ଅଲଗା ଅଲଗା ବିଷୟରେ ଶିକ୍ଷା ଗ୍ରହଣ

**ସୁଯୋଗର ସମାନତା ହେଉଛି ସମାବେଶୀ ହେବା**

କରିବେ,ଏହାକୁବିଦ୍ୟାଳୟର ସେମାନଙ୍କ ପାଇଁ ପକ୍ଷପାତିତା ବୋଲି କୁହାଯାଇପାରିବ ନାହିଁ ।

**ଅର୍ନ୍ତଭୁକ୍ତି ତ୍ରୁଟିଗୁଡ଼ିକ ବିରୋଧରେ ସମାବେଶୀ ପାଇଁ ସୁରକ୍ଷା ଆବଶ୍ୟକ କରେ**

ଯଦି କୌଣସି ପଦ ପାଇଁ ମନୋନୟନ କରିବା ସମୟରେ ପ୍ରାର୍ଥି ମାନଙ୍କୁ ସମାନ ସୁଯୋଗ ପ୍ରସଙ୍ଗକୁ ବିଚାର କରାଯାଉଛି, ତେବେ ପ୍ରକ୍ରିୟାଗୁଡ଼ିକୁ ସଠିକ୍‌ଭାବେ ନିର୍ଦ୍ଧାରଣ କରାଯିବା ଉଚିତ୍ । ପ୍ରଥମେ, ଯୋଗ୍ୟ ମାନଦଣ୍ଡକୁ ସ୍ପଷ୍ଟ ରୂପେ ପରିଭାଷିତ କରାଯିବା ଉଚିତ୍ । ସୁଯୋଗର ସମାନତା ପାଇଁ ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାରକୁ ନେବା ଉଚିତ୍ । ତେବେ, ଏହାର ଅର୍ଥ ନୁହେଁ ଯେ ମନୋନୟନର ପ୍ରତ୍ୟେକ ଚରଣରେ ସମସ୍ତ ପାର୍ଥୀଙ୍କୁ ସାମିଲ କରାଯିବ । ଏହା ଏକ ଅର୍ନ୍ତଭୁକ୍ତି ତ୍ରୁଟି ପରି ହେବ ।ଏକ ପରିଣାମ ପାଇଁ କିନ୍ତୁ ବ୍ୟକ୍ତିଙ୍କୁ ଅପସାରଣ କରିବା ଆବଶ୍ୟକ । ଏହାର ଉଦ୍ଦେଶ୍ୟ ଏହା ନୁହେଁ ଯେ ଯେଉଁମାନଙ୍କୁ ଅପସାରଣ କରାଯାଉଛି ସେମାନଙ୍କୁ ସେମାନଙ୍କର ଦକ୍ଷତା ଅଭାବରୁ ଏପରି କରାଯାଉଛି, ବରଂ ଏହା ସୁନିଶ୍ଚିତ କରିବା ପାଇଁ ଯେ ଯେଉଁମାନେ ସାମିଲ ହୋଇଛନ୍ତି, ସେମାନେ ସକ୍ଷମ ଅଟନ୍ତି ।

ଅନେକ ନିଯୁକ୍ତିଭିତ୍ତିକ ମନୋନୟନ ପ୍ରକ୍ରିୟାର ଅନ୍ତିମ ଚରଣରେ ବ୍ୟକ୍ତିଗତ ସାକ୍ଷାତ୍‌କାର ହୋଇଥାଏ । ଉଦାହରଣ ସ୍ୱରୂପ, ବର୍ତ୍ତମାନ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ କୁଳପତି ଚୟନ ନିମନ୍ତେ, ଅନ୍ତିମ ଚରଣରେ ଚୟନ ହୋଇଥିବା ତିନିଜଣ ପ୍ରାର୍ଥୀଙ୍କ ସହିତ କୁଳାଧିପତି (ଓଡ଼ିଶାର ମାନ୍ୟବର ରାଜ୍ୟପାଳ)ଙ୍କ ଆଲୋଚନା ହେବାର ପ୍ରଥା ରହିଛି ।ଅନେକ ପ୍ରାର୍ଥିଙ୍କ ମଧ୍ୟରୁ କେବଳ ତିନିଜଣ ପ୍ରାର୍ଥୀଙ୍କୁ ବ୍ୟକ୍ତିଗତ ସାକ୍ଷାତ୍‌କାର ପାଇଁ ଡ଼କାଯାଇଥାଏ । କାରଣ ଆମକୁ ଏକପରିଣାମରେ ପହଞ୍ଚିବାକୁ ହେବ । ଆହୁରି ମଧ ଏହାଦ୍ୱାରା ସାକ୍ଷାତ୍‌କାର ଅର୍ଥପୂର୍ଣ୍ଣ ହୋଇଥାଏ ଏବଂ ଏହାର ଉଦ୍ଦେଶ୍ୟ ମଧ ସାଧିତ ହୋଇଥାଏ । ଏହି କ୍ଷେତ୍ରରେ,ସୁଯୋଗର ସମାନତା ଅର୍ଥ ହେଉଛି ଯେ ତାଲିକାଭୁକ୍ତ ପ୍ରତି ପ୍ରାର୍ଥୀଙ୍କୁ ମନୋନୀତ କରିବାର ସମାନ ସମ୍ଭାବନା ରହିଛି ।

**ନିରପେକ୍ଷ ପରିଣାମ**

ପରିଣାମରେ ନିରପେକ୍ଷତା, ପ୍ରସଙ୍ଗ ଓ ପରିସ୍ଥିତି ଉପରେ ନିର୍ଭର କରେ । ଆମ ପାଖରେ ତିନୋଟି ସ୍ପଷ୍ଟ ସମ୍ଭାବନା ରହିଛି - ଅଧିକାର ଓ ସ୍ୱତନ୍ତ୍ରତା, ପଦ ପାଇଁ ମନୋନୟନ ଏବଂ ଦୁର୍ବଳ ବର୍ଗଙ୍କୁ ସମ୍ବଳ ବଣ୍ଟନ ।

**ସମାନତା ଏବଂ ଭେଦଭାବହୀନତା ଅଧିକାର ପାଇଁ ଆଧାର ହେବା ଉଚିତ**

ଯଦି ଏହା ଅଧିକାର ଓ ସ୍ୱତନ୍ତ୍ରତା ବିଷୟରେ ହୁଏ, ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଅଧିକାର ରହିଛି ଯାହାକି ଭେଦଭାବହୀନ । ଯେପରି କି “ଏକ ବ୍ୟକ୍ତି, ଏକ ଭୋଟ” । ଏଠାରେ ଆଧାର ହେଉଛି ସମାନ ମୌଳିକ ସ୍ୱତନ୍ତ୍ରତା ।

ଯବତମାଲ’ର ଡ଼ୋର୍ଲିଗ୍ରାମ ପରିଦର୍ଶନ ସମୟରେ ମୋର ଗୋଟିଏ କଥା ମନେପଡ଼େ ।ଯେଉଁଠାରେ ଜଣେ ଅଧିବାସୀ ଆସିଲେ ଏବଂ ମୋତେ କହିଲେ ଯେ ସେ ସେହି ଗ୍ରାମରେ ଜନ୍ମ ଏବଂ ପ୍ରତିପାଳିତ, ମାତ୍ର ଭୋଟର ତାଲିକାରେ ତାଙ୍କର ନାମ ସାମିଲ କରାଯାଇନାହିଁ । ତେଣୁ ମତଦାନ କରିବା ପାଇଁ ସେ ସକ୍ଷମ ନୁହଁନ୍ତି । ମତଦାନ ପାଇଁ ନାଗରିକମାନଙ୍କର ଅସମର୍ଥତା ଏକ ଅନୁଚିତ ପରିଣାମ ଅଟେ ।

**ପଦବୀ ପାଇଁ ଲୋକଙ୍କୁ ଚୟନ କରିବା କ୍ଷେତ୍ରରେ ଯୋଗ୍ୟତା ଆଧାର ହେବା ଉଚିତ ।**

ପଦଗୁଡ଼ିକ ପାଇଁ ଲୋକମାନଙ୍କୁ ଚୟନ କରିବା ସମୟରେ ନିରପେକ୍ଷ ପରିଣାମ ଭିନ୍ନ ହେବ ।ଯେପରିକି କୁଳପତିଙ୍କମନୋନୟନ ସମୟରେ କେବଳ ଜଣେ ବ୍ୟକ୍ତିଙ୍କୁ ହିଁ ଏହି ପଦବୀ ପାଇଁ ମନୋନୟନ କରାଯାଇପାରିବ । ଅର୍ନ୍ତନିହିତ ମାନଦଣ୍ଡଗୁଡ଼ିକ ଲକ୍ଷ୍ୟ କରି ଯୋଗ୍ୟତାର କିଛି ଅନୁମାନ କରିହେବ ।

ବର୍ତ୍ତମାନ ଆମର ଦୁଇଜଣ ବିଦ୍ୟାର୍ଥୀଙ୍କ କଥା ବିଚାର କରିବା ।ଜଣେ ଗଣିତଜ୍ଞ ଓ ଅନ୍ୟ ଜଣେ ସଙ୍ଗୀତକାର ହୋଇଛନ୍ତି । ନିଜ ନିଜର ଅର୍ନ୍ତନିହିତ ଦକ୍ଷତା ଅନୁଯାୟୀ, ଗଣିତଜ୍ଞ ଜଣକ କିଛି ସଙ୍ଗୀତ ଶିଖିନେଲେ ଏବଂ ସଙ୍ଗୀତକାର ଜଣକ କିଛି ଗଣିତ ଶିଖିଲେ ।

ତେବେ ଯାହାହେଉ, ଯଦି ଗଣିତଜ୍ଞଙ୍କୁ ସଙ୍ଗୀତ ଶିକ୍ଷକ ପଦ ପାଇଁ ମନୋନୀତ କରାଯାଏ, ଯେଉଁଠି ସଙ୍ଗୀତକାର ଏକ ଯୋଗ୍ୟ ଆବେଦକ ଥିଲେ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଭଲ କରିଥିଲେ, ତେବେ ମନୋନୟନରେ ଆକାଂକ୍ଷିତ ଉଦ୍ଦେଶ୍ୟ ହାସଲ କରାଯାଇ ପାରିବ ନାହିଁ । ଏଥିରେ କୌଣସି ଫରକ ପଡ଼ିବ ନାହିଁ ଯେ କିଛି ବାସ୍ତବିକ ତଥ୍ୟର ସଙ୍କେତ ମିଳେ ଯେ ବ୍ୟକ୍ତି ଜଣକ ସଙ୍ଗୀତର ମୌଳିକ କଥା ଜାଣିଛି, ସଙ୍ଗୀତରେ ଗଣିତ ଅଛି ଏବଂ ଏ ବ୍ୟକ୍ତି ଜଣକ ଗଣିତ ପଢାଇ ପାରିବେ । ଯଦି ଏହା ଆବଶ୍ୟକତା ଥିଲା । ତେବେ ଏହାକୁ ପୂର୍ବରୁ ସ୍ପଷ୍ଟ କରିବା ଉଚିତ ଥିଲା, ଏପରି ତଥ୍ୟାତ୍ମକ ତର୍କର ପରିଣାମ କେବଳ ସଙ୍ଗୀତକାରଙ୍କ ପାଇଁ ଅବିଚାର ହେବ ନାହିଁ, ବରଂ ଯେଉଁ ଭାବି ଛାତ୍ରମାନଙ୍କୁ ସଙ୍ଗୀତ ପଢ଼ାଯିବ ସେମାନଙ୍କ ପ୍ରତି ମଧ୍ୟ ଅବିଚାର ହେବ ।

> **ନିଯୁକ୍ତି କ୍ଷେତ୍ରରେ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ ଯୋଗ୍ୟତାର ସିଦ୍ଧାନ୍ତକୁ ଉପେକ୍ଷା କରେ ନାହିଁ**

ଯେତେବେଳେ ସମ୍ବଳ ବଣ୍ଟନର ପ୍ରସଙ୍ଗ ଆସେ, ସେତେବେଳେ ଦୁର୍ବଳ ବର୍ଗଙ୍କ ପାଇଁ ଚିନ୍ତା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହାର ଅର୍ଥ ନୁହେଁ ଯେ ସଂପତ୍ତି ଅଧିକାରକୁ ଉପେକ୍ଷା କରିବା ଏବଂ ଧନୀଙ୍କଠାରୁ ଗରିବଙ୍କୁ ସଂପତ୍ତି ହସ୍ତାନ୍ତର କରିବା ।ଅପର ପକ୍ଷରେ, ଏହା ଅନୁଚିତ୍ ସଂପତ୍ତିର ଅଧିକାର ବିରୋଧରେ ତର୍କ ବାଢ଼େ ।ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଅଛି, ଏହା ଦୁର୍ବଳ ବର୍ଗଙ୍କ ପାଇଁ ଅସୁବିଧାକୁ କମ୍ କରିଥାଏ । ଏହି ପରିପ୍ରେକ୍ଷୀରେ, ଭୋକରେ ରହୁଥିବା ଲୋକଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା, ରୋଗରେ ପଡ଼ିଥିବା ଲୋକଙ୍କ ପାଇଁ ସେବା-ଯତ୍ନ ଏବଂ ବାସହୀନ ଲୋକଙ୍କ ପାଇଁ ଆଶ୍ରୟ ବ୍ୟବସ୍ଥା ଗୁରୁତ୍ୱ ବହନ କରିଥାଏ ।

ସମୟ ସମୟରେ, ଦୁର୍ବଳ ବର୍ଗଙ୍କ ନିଯୁକ୍ତି ପାଇଁ ବ୍ୟବସ୍ଥାରେ ସକାରାତ୍ମକ କାର୍ଯ୍ୟାନୁଷ୍ଠାନକୁ ସାମିଲ କରାଯାଇପାରିବ ।

ଏହାର ଅର୍ଥ ଏହା ନୁହେଁ ଯେ ଏପରି ମନୋନୟନରେ ଯୋଗ୍ୟତାର ସିଦ୍ଧାନ୍ତ ଉପରେ ଜଣେ ପ୍ରଶ୍ନ ଉଠାଇବ । ସେଇଥିପାଇଁ, ଯୋଗ୍ୟତାର ସିଦ୍ଧାନ୍ତ ଏକ ଛୋଟ ଗୋଷ୍ଠିରେ ସିମୀତ ରହିବ ।ଯୋଗ୍ୟତାକୁ କମ୍ କରାଯିବ ନାହିଁ ।

> **ସର୍ବନିମ୍ନ କ୍ଷତି ଆଧାରରେ ଦୁର୍ବଳ ବର୍ଗଙ୍କୁ ସମ୍ବଳ ବଣ୍ଟନ କରିବା ଉଚିତ**

ଏହାର ଅର୍ଥ କ'ଣ ଯେ ଗଣିତଜ୍ଞଙ୍କୁ ସଙ୍ଗୀତ ଶିକ୍ଷକ ପାଇଁ ମନୋନୀତ କରିବା ଉଚିତ ହେବ, କାରଣ ସଙ୍ଗୀତକାର ସଙ୍ଗୀତ ପ୍ରଦର୍ଶନ କରି ଜୀବିକା ନିର୍ବାହ କରିପାରିବ, କିନ୍ତୁ ଗଣିତଜ୍ଞଙ୍କ ପାଇଁ ଏପରି କୌଣସି ସୁଯୋଗ ନାହିଁ । ଏହାର ଉତ୍ତର ହେଉଛି ନା । ଯଦି ଏହା ମନୋନୟନର ମାନଦଣ୍ଡ ଥିଲା ତେବେ ସଂପୃକ୍ତ ଅଧିକାରୀମାନେ, ବିଦ୍ୟାଳୟର ନୀତିକୁ ଉଲ୍ଲଘଂନ ନକରି (ଯାହାକି ଛାତ୍ର- ଛାତ୍ରୀଙ୍କ ଅର୍ନ୍ତନିହିତ ଦକ୍ଷତାର ଅଭିବୃଦ୍ଧି ଅଟେ) ଉକ୍ତ ଶିକ୍ଷକ, ପୂର୍ବରୁ ସ୍ଥିର କରିବା ଉଚିତ ଥିଲା ଯେ ବିଦ୍ୟାଳୟରେ ମୌଳିକ ସ୍ତର ପର୍ଯ୍ୟନ୍ତ ସଙ୍ଗୀତ ଶିକ୍ଷାଦେବେ ଏବଂ ସେହିମାନଙ୍କୁ ସୁବିଧା ପ୍ରଦାନ କରାଯିବ ଯେଉଁମାନଙ୍କର ଉପାର୍ଜ୍ଜନ କରିବାର ସୁଯୋଗ ସିମୀତ ଅଟେ ।

**ଉପସଂହାର**


ଏକ ଜନମଙ୍ଗଳ ରାଷ୍ଟ୍ର ନିମନ୍ତେପ୍ରକ୍ରିୟା, ସୁଯୋଗ, ପରିଣାମଗୁଡ଼ିକ ପାଇଁ ନିରପେକ୍ଷତା ଜରୁରୀ । ନିରପେକ୍ଷତା ପ୍ରକ୍ରିୟା ନିୟମ ଉପରେ ଆଧାରିତ ଏବଂ ସେଗୁଡ଼ିକର ଭୁଲ୍- ତ୍ରୁଟିକୁ ଏକ ଅଦାଲତରେ ବିଚାର କରାଯାଇପାରିବ । କିନ୍ତୁ, ଏହା ଧ୍ୟାନ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଯେଉଁ ଆଧାରରେ ନିୟମ ପ୍ରସ୍ତୁତ କରାଯାଇଛି ତାହାକୁ ସମୟାନୁଯାୟୀପରିବର୍ତ୍ତନକରାଯାଇପାରିବ । ସୁଯୋଗର ସମାନତା ହେଉଛି ସମସ୍ତଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ସମାନ କ୍ଷେତ୍ର ପ୍ରଦାନ କରିବା କିନ୍ତୁ ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତି

ସ୍ତରରେ ସାମିଲ କରିବାକୁ ହେବ । ପରିଣାମରେ ନିରପକ୍ଷତା ସ୍ଥାନ-କାଳ-ପାତ୍ର ଉପରେ ନିର୍ଭରଶୀଳ । ଅଧିକାର ଓ ସ୍ୱତନ୍ତ୍ରତାର ସମାନତା ଆଧାରରେ, ଲୋକଙ୍କୁ ପଦବୀ ପାଇଁ ଚୟନ କରିବା ସମୟରେ ଯୋଗ୍ୟତା ଆଧାରରେ ଏବଂ ଦୁର୍ବଳ ବର୍ଗଙ୍କୁ ସମ୍ବଳ ବଣ୍ଟନ କ୍ଷେତ୍ରରେ ଅସୁବିଧାକୁ କମ୍ କରିବା ପାଇଁ ଏହାକୁ ବ୍ୟବହାର କରାଯିବାଉଚିତ୍ ।

*[ଲେଖକ "ରାୱ୍ଲ ନ୍ୟାୟ" ଉପରେ ଶିକ୍ଷାଦାନ କରି ଆସୁଥିବାରୁ ଏହି ଲେଖାର କିଛି ଅଂଶ ଏହା ଦ୍ୱାରା ପ୍ରଭାବିତ ହୋଇଥାଇ ପାରେ]*

***ଗୁଣଲେଖ :*** *ଶ୍ରୀଜିତ୍ ମିଶ୍ର ପକ୍ଷପାତିତାର ଅନୁପସ୍ଥିତି : ଏକ ଜନମଙ୍ଗଳ ରାଷ୍ଟ୍ର ଉଦ୍ଦେଶ୍ୟରେ, IvU-1a, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର, ଜୁଲାଇ-୨୦୧୭ । ଏନ୍.ସି.ଡ଼ି.ଏସ୍ IvU-seriesରେ 'ଛୋଟ ଛୋଟ ମତାମତ' ବା 'ସଂକ୍ଷିପ୍ତ ନୀତି' ପ୍ରସ୍ତୁତ କରି ଆସୁଛି । ଏହି IvU-seriesକୁ ମୁମ୍ବାଇସ୍ଥିତ ଇନ୍ଦିରା ଗାନ୍ଧୀ ଉନ୍ନୟନ ଗବେଷଣା ପ୍ରତିଷ୍ଠାନର ପ୍ରଫେସର ଏମ୍.ଏଚ. ସୂର୍ଯ୍ୟନାରାୟଣା ସମ୍ପାଦନା କରୁଛନ୍ତି ।*

*ଲେଖକ ଓଡ଼ିଆ ଅନୁବାଦରେ ସହାୟତା ପାଇଁ ଶ୍ରୀ ନାରାୟଣ ଜେନା ଓ ଡ଼ଃ ବିଶ୍ୱବାସ ପାତ୍ରଙ୍କ ନିକଟରେ କୃତଜ୍ଞ ।*




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute
in collaboration with Government of Odisha)
Bhubaneswar - 751013, Odisha, India

Phone: +91-674-2301094, 2300471
Email: ncds_bbsr@dataone.in
Web: http://ncds.nic.in
Faceboook: @ncdsbhubaneswar
Twitter handle: @ncds_bbsr
Google Maps: NCDS Bhubaneswar

ଓଃଠ❋ଠଓ